# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30th March – 2026

************************************

## ମୁଖ୍ୟ ସମ୍ବାଦ

- ଦେଶକୁ ମାଓବାଦୀମୁକ୍ତ କରିବା ପ୍ରସଙ୍ଗରେ ଲୋକସଭାରେ ଜାରି ରହିଛି ଆଲୋଚନା ।

— ଆସନ୍ତାକାଲି ଶେଷ ହେଉଛି ମାଓବାଦୀ ଆତ୍ମସମର୍ପଣ ଧାର୍ଯ୍ୟ ସମୟସୀମା ।

- ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଣ ଓ ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିବା ନେଇ ଏକ କମିଟି ଗଠନ କଲେ ତୈଳ ବିପଣନ  କମ୍ପାନୀ ।

- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ ଚିଟ୍‌ଫଣ୍ଡ ଜମାକାରୀଙ୍କୁ ୧୨୮ କୋଟି ଟଙ୍କା ହୋଇଛି ଫେରସ୍ତ ।

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ।

*Desk*

# ମାଓବାଦୀ ଆତ୍ମସମର୍ପଣ

ଦେଶକୁ ମାଓବାଦୀମୁକ୍ତ କରିବା ପ୍ରସଙ୍ଗରେ ଲୋକସଭାରେ ଆଲୋଚନା ଜାରି ରହିଛି । ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶକୁ ମାଓବାଦୀମୁକ୍ତ କରିବା ନେଇ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ଅର୍ଥନୈତିକ ବିକାାରେ ମାଓବାଦୀ କାର୍ଯ୍ୟକଳାପ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ସରକାର ଏହାର ସମ୍ପୂର୍ଣ୍ଣ ମୂଳୋତ୍ପାଟନପାଇଁ ପ୍ରୟାସ ଆରମ୍ଭ କରିଥିଲେ । ମାଓବାଦୀଙ୍କ ଆତ୍ମସମର୍ପଣପାଇଁ ଧାର୍ଯ୍ୟ ସମୟସୀମା ଆସନ୍ତାକାଲି ଶେଷ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶ ପଥରେ ଗତିଶୀଳ ହେବା ସହ ମାଓବାଦୀମୁକ୍ତ ସମାଜ ପ୍ରତିଷ୍ଠା ସମ୍ଭବ ହେବାକୁ ଯାଉଛି । ମାଓବାଦୀମୁକ୍ତ ଅଭିଯାନରେ ସାମିଲ୍ ସୁରକ୍ଷା କର୍ମୀ, ରାଜ୍ୟ ସରକାର ଏବଂ ସ୍ଥାନୀୟ ଅଧିବାସୀଙ୍କ ସହଯୋଗକୁ ଶ୍ରୀ ଶାହା ଉଚ୍ଚ ପ୍ରଶଂସା କରିଛନ୍ତି ।

***Voice (Shah)*** *:.......*

ରାଉରକେଲା ପୁଲିସ ନିକଟରେ ଆଜି ମହିଳା ମାଓବାଦୀ ମୋଙ୍ଗଡ଼ି ହୁନାଙ୍ଗା ଆତ୍ମସମର୍ପଣ କରିଛନ୍ତି । ଦକ୍ଷିଣ ଛୋଟନାଗରା ଗରିଲା ସ୍କ୍ୱାର୍ଡ଼ରେ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ହୁନାଙ୍ଗା ବାଙ୍କୋ ଖଣିଲୁଟ୍ ଓ ଆଇ.ଡି. ବିସ୍ଫୋରଣରେ ସମ୍ପୃକ୍ତ ଥିଲେ । ଆତ୍ମସମର୍ପଣ କରି ସରକାରଙ୍କ ପୁନର୍ବାସ ଏବଂ ଥଇଥାନ ଯୋଜନାରେ ସାମିଲ୍ ହେବାପାଇଁ ପୁଲିସ୍ ମହାନିର୍ଦ୍ଦେଶକ

ଯୋଗେଶ ବାହାଦୁର ଖୁରାନିଆ ସକ୍ରିୟ ଥିବା ମାଓବାଦୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***Desk***

## ଏଲ୍.ପି.ଜି.

ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଣ ଓ ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିବା ଲକ୍ଷ୍ୟ ନେଇ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଏକ କମିଟି ଗଠନ କରାଯାଇଛି । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସ୍ତରୀୟ ୩ ଜଣ ଅଧିକାରୀ ଏହି କମିଟିର ସଦସ୍ୟ ଅଛନ୍ତି । ରାଜ୍ୟସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଏହି ସୂଚନା ଦେଇଛନ୍ତି । ପଶ୍ଚିମ ଏସିଆ ସଂଘର୍ଷ ପରିପ୍ରେକ୍ଷୀରେ ଏଲ୍.ପି.ଜି.ର ଆମଦାନୀ ପ୍ରଭାବିତ ହୋଇଛି । ତେବେ ଯୋଗାଣ ଶୃଙ୍ଖଳରେ ସ୍ଥିରତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ଗୋପୀ କହିଛନ୍ତି । ଦେଶବ୍ୟାପୀ ଘରୋଇ ଏଲ୍.ପି.ଜି. ବ୍ୟବହାର କ୍ଷେତ୍ରକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ରାଜ୍ୟଗୁଡ଼ିକପାଇଁ ବାଣିଜ୍ୟିକ ଏଲ୍.ପି.ଜି. ଆବଣ୍ଟନକୁ ଅତିରିକ୍ତ ୨୦ ପ୍ରତିଶତ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ଶ୍ରୀ ଗୋପୀ କହିଛନ୍ତି ।

*HS*

# ଚିଠା ଭୋଟର୍ ତାଲିକା

ରାଜ୍ୟରେ ଚିଠା ଭୋଟର ତାଲିକା ପ୍ରସ୍ତୁତି ପରେ ୭ ଲକ୍ଷ ୬୮ ହଜାର ୫୨୧ ଜଣ ଭୋଟର୍ ବାଦ୍ ପଡ଼ିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଝୀ କହିଛନ୍ତି, ୧ ଲକ୍ଷ ୫୫ ହଜାର ୩୧୮ ଜଣ ଭୋଟରଙ୍କ ପାଖରେ ଏକାଧିକ ସ୍ଥାନର ଭୋଟ ପରିଚୟ ପତ୍ର ରହିଥିଲା । ଚିଠା ପ୍ରସ୍ତୁତି ପ୍ରକ୍ରିୟାରେ ସେମାନଙ୍କୁ ବାଦ୍ ଦିଆଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି । ମୃତ୍ୟୁଜନିତ କାରଣରୁ ୨ ଲକ୍ଷ ୩ ହଜାର ୩୯୬ ଜଣ ଭୋଟର ଏବଂ ସ୍ଥାନାନ୍ତର ଯୋଗୁଁ ୪ ଲକ୍ଷ ୮ ହଜାର ୧୩୨ ଏବଂ ଅନ୍ୟାନ୍ୟ କାରଣପାଇଁ ୨ ହଜାର ୬୪୬ ଭୋଟର୍ ବାଦ୍ ପଡ଼ିଥିବା ଶ୍ରୀ ମାଝୀ କହିଛନ୍ତି । ଭୋଟର୍ ତାଲିକାରେ ନୂତନ ଭାବେ ସାମିଲ୍ ହେବାପାଇଁ ମୋଟ୍ ୫ ଲକ୍ଷ ୬୭ ହଜାର ୩୪ ଜଣ ଆବେଦନ କରିଛନ୍ତି ବୋଲି ଶ୍ରୀ ମାଝୀ ଗୃହରେ ସୂଚନା ଦେଇଛନ୍ତି ।

*Assembly Review*

# ବିଧାନସଭା

ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ବଜେଟ୍ ଅଧିବେଶନର ଅପରାହ୍ଣ ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ

ବିଭାଗର ୨୩ ହଜାର ୧୭୯ କୋଟି ୩୯ ଲକ୍ଷ ୮୪ ହଜାର ଟଙ୍କାର ଖର୍ଚ୍ଚଦାବୀ ଆଗତ କରିଛନ୍ତି । ଶାସକ ଦଳର ସଦସ୍ୟମାନେ ଖର୍ଚ୍ଚଦାବୀ ଉପରେ ଆଲୋଚନା ଜାରି ରଖିଛନ୍ତି । ଖର୍ଚ୍ଚଦାବୀ ଆଲୋଚନାକୁ ବିରୋଧ କରି ବିରୋଧୀ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି । ଆଲୋଚନା ପରେ ଖର୍ଚ୍ଚଦାବୀ ଉପରେ ବିଭାଗୀୟ ମନ୍ତ୍ରୀ ମତ ରଖିବା ପରେ ଏହା ପାରିତ ହେବ ବୋଲି ଜଣାପଡ଼ିଛି । ଆଲୋଚନା ହୋଇପାରି ନ ଥିବା ବିଭାଗଗୁଡ଼ିକର ଖର୍ଚ୍ଚଦାବୀ ଗିଲୋଟିନ୍ ଜରିଆରେ ପାରିତ ହେବ ବୋଲି ବାଚସ୍ପତି ସୁରମା ପାଢ଼ୀ ଗୃହରେ ସୂଚନା ଦେଇଛନ୍ତି ।

***BBSR/R***

# ବିଧାନସଭା – ଚିଟ୍‌ଫଣ୍ଡ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୭ ହଜାର ୬୪୨ ଜଣ ଚିଟ୍‌ଫଣ୍ଡ ଜମାକାରୀଙ୍କୁ ୧୨୮ କୋଟି ଟଙ୍କା ଜିଲ୍ଲାପାଳଙ୍କ  ମାଧ୍ୟମରେ ଫେରସ୍ତ କରାଯାଇଛି ବୋଲି ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତର ରଖିଛନ୍ତି। ଅବଶିଷ୍ଟ ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ଜାରି ରହିଛି। କ୍ଷୁଦ୍ର ଜମାକାରୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୩୦୦କୋଟି ଟଙ୍କାର କର୍ପସ ପାଣ୍ଠି ସୃଷ୍ଟି କରିଛନ୍ତି। ତଦନ୍ତ କମିଶନର ୭ଟି ଅନ୍ତରୀଣ ରିପୋର୍ଟ ଓ କ୍ଷେତ୍ରୀୟ ତଦନ୍ତ ଆଧାରରେ

ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଜମାରାଶି ଫେରସ୍ତ କରାଯାଇଛି। କ୍ଷତିଗ୍ରସ୍ତ ଜମାକାରୀଙ୍କ ଅଭିଯୋଗ ଆଧାରରେ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାଙ୍କ ଦ୍ୱାରା ତଦନ୍ତ କରାଯାଇ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଅଦ୍ୟାବଧି ୬୮ଟି ବେଆଇନ୍ ଆର୍ଥିକ ପ୍ରତିଷ୍ଠାନର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି ନିମନ୍ତେ ୯୦ଟି ପ୍ରସ୍ତାବକୁ ଅନୁଧ୍ୟାନ କରିବା ପରେ ସରକାର ଅନ୍ତରୀଣ କୋର୍ଟ ଆଦେଶ ପ୍ରଦାନ କରିଛନ୍ତି।

***BBSR/R***

# ମାନବାଧିକାର ଆୟୋଗ ଅଧ୍ୟକ୍ଷ

ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଭାବେ ବିଚାରପତି ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ ପୁନଃ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଜଷ୍ଟିସ୍ ପୂଜାହାରୀ କହିଛନ୍ତି, ଓଡ଼ିଶା ମାନବାଧିକାର ଆୟୋଗ ଏକ ସକ୍ରିୟ ପ୍ରତିଷ୍ଠାନ ଭାବେ ମାନବିକ ଅଧିକାର ସୁରକ୍ଷା ପ୍ରତି ଅଙ୍ଗୀକାରବଦ୍ଧତାର ସହ କାର୍ଯ୍ୟ କରିବ । ଆବେଦନଗୁଡ଼ିକର ତ୍ୱରିତ ସମାଧାନ ଏବଂ ମାନବାଧିକାର ନେଇ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

***Nayagarh/R***

# ଜନଗଣନା ତାଲିମ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ଜନଗଣନା ତାଲିମ ଶିବିର ଆରମ୍ଭ ହୋଇଛି । ଶିବିରରେ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମାସ ୧୬ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନାକାରୀ ଘରକୁ ଘର ବୁଲି ଆବାସ ଗଣନା କରିବେ । ଏଥିପାଇଁ ପ୍ରତ୍ୟେକ ଗଣନାକାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

***Puri/R***

# ପୁରୀ ସମୁଦ୍ର - ପର୍ଯ୍ୟଟକ ମୃତ

ପୁରୀ ସମୁଦ୍ରରେ ଗାଧୋଉଥିବାବେଳେ ଆଜି ୨ ଜଣ ପର୍ଯ୍ୟଟକ ବୁଡ଼ିଯାଇଥିଲେ । ସେମାନଙ୍କୁ ଉଦ୍ଧାର କରି ପୁରୀ ମେଡିକାଲ୍‌ରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହି ପର୍ଯ୍ୟଟକଙ୍କର ପରିଚୟ ଏପର୍ଯ୍ୟନ୍ତ ମିଳି ନାହିଁ । ଘଟଣାର ତଦନ୍ତ ଜାରି ରହିଥିବା ପୁଲିସ କହିଛି ।

***Gajapati, Bhadarak, Nayagarh, Boudh, Baragarh, Sambalpur, Sonepur/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗଜପତି, ଭଦ୍ରକ,  ନୟାଗଡ଼, ବୌଦ୍ଧ, ବରଗଡ଼, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମିଳିତ ଭାବେ ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗର ଶୁଣାଣି କରିବା ସହିତ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Nayagarh, Malkangiri/R***

# ଏଥର କିଛି ଖବର ସଂକ୍ଷେପରେ....

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍‌ର ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ସମୀକ୍ଷା କରିଛନ୍ତି । ମୌସୁମୀ ବର୍ଷା ପୂର୍ବରୁ ପ୍ରକଳ୍ପଗୁଡ଼ିକୁ ଶେଷ କରିବାପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ସ୍ଥିତ କଂସାରୀ ସଦନ କଲ୍ୟାଣ ମଣ୍ଡପରେ ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଅନ୍ତ୍ୟୋଦୟ ଦର୍ଶନ ଓ ଏକାତ୍ମ ମାନବବାଦର ଆଦର୍ଶ ଉପରେ ଆଲୋଚନା କରିଥିଲେ ।

ସ୍ୱତନ୍ତ୍ର ପୋଷଣ ଅଭିଯାନ – ୧୫ କାର୍ଯ୍ୟକ୍ରମ ଅଧୀନରେ ମାଲକାନଗିରି ଜିଲ୍ଲା ପୋଡ଼ିଆ ବ୍ଲକ୍  ପରିସରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ସଠିକ୍ ଶାରୀରିକ ଓ ମାନସିକ ବିକାଶକୁ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ।

***Koraput/R***

## ଭାରତ୍ କେ ବୀର୍

ସୀମା ସୁରକ୍ଷା ବାହିନୀ–ବି.ଏସ୍.ଏଫ୍.ର ୬୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜି କୋରାପୁଟ ଜିଲ୍ଲା ଜୟପୁର ରାଜମହଲଠାରେ ‘ଭାରତ୍ କେ ବୀର୍’ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବି.ଏସ୍.ଏଫ୍. କୋରାପୁଟ କ୍ଷେତ୍ରୀୟ ମୁଖ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡି.ଆଇ.ଜି. ସତ୍ୟବାନ ଖାଞ୍ଚ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଆଧୁନିକ ଅସ୍ତ୍ରଶସ୍ତ୍ର, ସୁରକ୍ଷା ସାମଗ୍ରୀ ପ୍ରଦର୍ଶିତ ହେବା ସହ ଏକ ଡଗ୍ ଶୋ’ର ଆୟୋଜନ କରାଯାଇଥିଲା। ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦ୍‌ଙ୍କ

ପରିବାର ଏବଂ ପୂର୍ବତନ କର୍ମୀଙ୍କୁ ସମ୍ମାନିତ କରାଯାଇଛି । ଏଥିରେ ସି.ଆର୍.ପି.ଏଫ୍., ସି.ଆଇ.ଏସ୍.ଏଫ୍., ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକ ବହୁସଂଖ୍ୟାରେ ଯୋଗ ଦେଇଥିଲେ ।

***Nayagarh/R***

## କ୍ରୀଡ଼ା ସମାରୋହ

ନୟାଗଡ଼ଠାରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ୮ଟି ବ୍ଲକ୍‌ର କ୍ଲଷ୍ଟର ଏବଂ ବ୍ଲକ୍‌ସ୍ତରରୁ ଚିହ୍ନଟ ହୋଇଥିବା କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଥିଲେ । ମହିଳା ଏବଂ ପୁରୁଷ ବିଭିନ୍ନ ବର୍ଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

***Desk***

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଜିଲ୍ଲାର

ଆଖୁଆପଦାଠାରେ ସର୍ବାଧିକ ୬ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୬ରୁ ୭ ଦିନ ମଧ୍ୟରେ ରାଜ୍ୟରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ।

******